ପାଠ-୬

# ଭାରତର ବୁଲ୍‌ବୁଲ୍

୧. ଅପଠିତାଂଶଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ଆମ ସଂସ୍କୃତିରେ ପର୍ବପର୍ବାଣୀ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବ୍ୟସ୍ତ, କର୍ମକ୍ଳାନ୍ତ ଜୀବନକୁ ସରସ, ସୁନ୍ଦର ଓ ସୁଖମୟ କରିବା । ଓଡ଼ିଶାର ଜନଜୀବନ, ସମାଜ ଓ ସଂସ୍କୃତି ଅତି ମହାନ୍ । ଧର୍ମ, ନୀତି ଓ ଚଳଣିରେ ବିଭେଦ ରହିଥିଲେ ମଧ୍ୟ ଓଡ଼ିଶାବାସୀ ବିଭିନ୍ନ ପର୍ବପର୍ବାଣୀକୁ ଆନନ୍ଦରେ ପାଳନ କରନ୍ତି । ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତି ଧର୍ମସଚେତନ । ପର୍ବପର୍ବାଣୀ ପାଳନ ଦ୍ୱାରା ଜୀବନ ହୁଏ ସରସ ଓ ମଧୁମୟ ।

କ) ଆମେ କାହିଁକି ପର୍ବପର୍ବାଣୀ ପାଳନ କରୁ ?

ଉ: ଆମେ ବ୍ୟସ୍ତ କର୍ମକ୍ଳାନ୍ତ ଜୀବନକୁ ସରସ ସୁନ୍ଦର ଓ ସୁଖମୟ କରିବା ପାଇଁ ପର୍ବପର୍ବାଣୀ ପାଳନ କରୁ

ଖ) କାହାର ସଂସ୍କୃତି ଅତିବ ମହାନ୍ ?

ଉ: ଓଡ଼ିଶାର ଜନଜୀବନ, ସମାଜ ଓ ସଂସ୍କୃତି ଅତି ମହାନ୍ ।

ଗ) ବିଭିନ୍ନ ପର୍ବ-ପର୍ବାଣୀକୁ ସେମାନେ କିପରି ପାଳନ କରନ୍ତି ?

ଉ: ବିଭିନ୍ନ ପର୍ବ-ପର୍ବାଣୀକୁ ସେମାନେ ଆନନ୍ଦରେ ପାଳନ କରନ୍ତି ।

ଘ) ପର୍ବପର୍ବାଣୀ ପାଳନ ଦ୍ୱାରା ଜୀବନ କ'ଣ ହୁଏ ?

ଉ: ପର୍ବପର୍ବାଣୀ ପାଳନ ଦ୍ୱାରା ଜୀବନ ସରସ ଓ ମଧୁମୟ ହୁଏ ।

ଙ) 'ସରସ'ର ବିପରୀତ ଶବ୍ଦ କ'ଣ ?

ଉ: ସରସ - ନୀରସ

୨. ଶୂନ୍ୟସ୍ଥାନ ପୂରଣ କର ।

କ) ସରୋଜିନୀ ନାଇଡୁଙ୍କୁ ପ୍ରାଚ୍ୟ ଜଗତର କୋକିଳ କୁହାଯାଏ ।

ଖ) ୧୮୭୯ ମସିହାରେ ସରୋଜିନୀ ଜନ୍ମଗ୍ରହଣ କରିଥିଲେ ।

ଗ) ଭାରତର ବୁଲ୍‌ବୁଲ୍ କହିଲେ ଆମେ ସରୋଜିନୀ ନାଇଡୁ କୁ ଜାଣୁ ।

ଘ) କବିତା ଲେଖିବା ସହ ତାକୁ ସେ ସୁନ୍ଦର ସ୍ୱରରେ ଗାନ ମଧ୍ୟ କରୁଥିଲେ ।

ଙ) ୧୯୪୯ ମସିହା ମାର୍ଚ୍ଚ ୨ ତାରିଖରେ ସେ ମୃତ୍ୟୁବରଣ କରଲେ ।

୩. ବିଷୟବସ୍ତୁ ସମ୍ପର୍କିତ ପ୍ରଶ୍ନୋତ୍ତର ।

"ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କର ପ୍ରତିଭା ବାଲ୍ୟକାଳରୁ ଫୁଟି ଉଠୁଥିଲା ।"

କ) ଏହି ବାକ୍ୟଟି କେଉଁ ବିଷୟରୁ ଆସିଅଛି ?

ଉ: ଏହି ବାକ୍ୟଟି ପାଠ-୬-ଭାରତର ବୁଲ୍‌ବୁଲ୍ ବିଷୟରୁ ଆସିଅଛି ।

ଖ) କାହାର ପ୍ରତିଭା ବାଲ୍ୟକାଳରୁ ଫୁଟି ଉଠିଥିଲା ?

ଉ: ସରୋଜିନୀ ନାଇଡୁଙ୍କର ପ୍ରତିଭା ବାଲ୍ୟକାଳରୁ ଫୁଟି ଉଠିଥିଲା ।

ଗ) ଏହି ବିଷୟଟିର ଲେଖକ କିଏ ?

ଉ: ଏହି ବିଷୟଟିର ଲେଖକ ନାମ-ଭଗବାନ ମହାନ୍ତି ।

୪. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

କ) କ'ଣ କରିବାକୁ ବାଧ୍ୟ କରି ବାପା ସରୋଜିନୀଙ୍କୁ ପିଲାବେଳେ ଏକ କୋଠରୀରେ ବନ୍ଦ କରି ଦେଇଥିଲେ ?

ଉ: ଅଙ୍କ କରିବାକୁ ବାଧ୍ୟ କରି ବାପା ସରୋଜିନୀଙ୍କୁ ପିଲାବେଳେ ଏକ କୋଠରୀରେ ବନ୍ଦ କରି ଦେଇଥିଲେ ।

ଖ) ସରୋଜିନୀ ନାଇଡୁ ଏକାଧାରରେ କ'ଣ ଥିଲେ ?

ଉ: ସରୋଜିନୀ ନାଇଡୁ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ।

ଗ) କ'ଣ ତାଙ୍କ ହୃଦୟରେ ଗଭୀର ଦୁଃଖ ଆଣିଥିଲା ?

ଉ: ~~ସରୋଜିନୀ ନାଇଡୁ~~ ଜନ୍ମଭୂମିର ପରାଧୀନତା ତାଙ୍କ ହୃଦୟରେ ଗଭୀର ଦୁଃଖ ଆଣିଥିଲା ।

ଘ) କାହାର ନୀତି, ଆଦର୍ଶ ଓ ସରଳତା ତାଙ୍କୁ ପ୍ରଭାବିତ କରିଥିଲା ?

ଉ: ମହାତ୍ମା ଗାନ୍ଧିଜୀଙ୍କର ନୀତି, ଆଦର୍ଶ ଓ ସରଳତା ତାଙ୍କୁ ପ୍ରଭାବିତ କରିଥିଲା ।

୫. ତଳେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟଗଠନ କର ।

ଦକ୍ଷତା - ସରୋଜିନୀ ନାଇଡୁଙ୍କର ଇଂରାଜୀ ଭାଷାରେ ବେଶ ଦକ୍ଷତା ଥିଲା ।

ପ୍ରତିଭା - ସରୋଜିନୀଙ୍କ ପ୍ରତିଭା ପିଲାଟି ଦିନରୁ ଫୁଟି ଉଠିଥିଲା ।

ମୁଗ୍ଧ - ତାଙ୍କ କବିତାରେ ମୁଗ୍ଧ ହୋଇ ତାଙ୍କୁ କହୁଥିଲେ ଭାରତର ବୁଲ୍‌ବୁଲ୍ ।

•••